# NATIONAL NEWS BULLETIN (ODIA)
## 28 July - 2025
## Evening Bulletin : 7.15 p.m.

******************************

## <u>ମୁଖ୍ୟ ସମ୍ବାଦ</u>

- ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଲୋକସଭାରେ ଜାରି ରହିଛି ସ୍ୱତନ୍ତ୍ର ଆଲୋଚନା ।
- ପିଏମ୍ ପୋଷଣ ଯୋଜନା ଅଧୀନରେ ଦେଶର ୧୧ କୋଟି ପିଲାଙ୍କୁ ପ୍ରଦାନ କରାଯାଉଛି ପୁଷ୍ଟିକର ଖାଦ୍ୟ ।
- ବିହାର ସ୍ୱତନ୍ତ୍ର ସଂଶୋଧିତ ଚିଠା ଭୋଟର ତାଲିକା ପ୍ରକାଶନ ଉପରେ ରହିତାଦେଶ ଆବେଦନକୁ ସୁପ୍ରିମ୍‌କୋର୍ଟଙ୍କ ଅଗ୍ରାହ୍ୟ ।
- କାମ୍ବୋଡ଼ିଆ ଓ ଥାଇଲାଣ୍ଡ ମଧ୍ୟରେ ମାଲେସିଆ ଠାରେ ଅନୁଷ୍ଠିତ ହେଉଛି ଶାନ୍ତି ଆଲୋଚନା ।

ଏବଂ

- ଫିଡେ ମହିଳା ବିଶ୍ୱକପ୍ ଚାମ୍ପିୟନ୍ ସିପ୍ ଟାଇଟଲ୍ ହାସଲ କଲେ ଦିବ୍ୟା ଦେଶମୁଖ ।

# ଏଲ୍‌ଏସ୍-ଅପରେସନ୍ ସିନ୍ଦୂର

ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଲୋକସଭାରେ ସ୍ୱତନ୍ତ୍ର ଆଲୋଚନା ଜାରି ରହିଛି । ସଦନରେ ଏ ସମ୍ପର୍କିତ ଆଲୋଚନାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆରମ୍ଭ କରିଥିଲେ । ଏ ସମ୍ପର୍କରେ ଏକ ରିପୋର୍ଟ୍ :

ଲୋକସଭାରେ ଅପରେସନ୍ ସିନ୍ଦୂର ଉପରେ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଏହା କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ଭାରତର ସାର୍ବଭୌମତ୍ୱର ପରିଚୟ ପ୍ରଦାନ କରିଛି । ନାଗରିକଙ୍କ ପ୍ରତି ସରକାରଙ୍କ ଦାୟିତ୍ୱ ଏବଂ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତିର ଏହା ଏକ ପ୍ରଭାବଶାଳୀ ଏବଂ ନିର୍ଣ୍ଣାୟକ ପ୍ରଦର୍ଶନ ଥିଲା । ଜାମ୍ମୁ କାଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସରକାର ଗ୍ରହଣ କରିଥିବା ଅପରେସନ୍ ସିନ୍ଦୂର ପଦକ୍ଷେପ ଦ୍ୱାରା ଦେଶର ସଶସ୍ତ୍ର ବାହିନୀ ସୀମାପାର ୯ଟି ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଥିଲେ । ଏହା ଏକ ସୁ-ବ୍ୟବସ୍ଥିତ ପଦକ୍ଷେପ ରହିଥିଲା । ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ସେମାନଙ୍କର ପ୍ରଶିକ୍ଷକ ଏବଂ ପରିଚାଳନାକାରୀ ନିହତ ହୋଇଥିଲେ । ଜୈସ୍-ଇ-ମହମ୍ମଦ୍, ଲସ୍କର-ଏ-ତଏବା ଏବଂ ହିଜ୍‌ବୁଲ୍ ମୁଜାହିଦ୍ଦିନ୍ ଭଳି ଆତଙ୍କବାଦୀ ଗୋଷ୍ଠୀର ସଦସ୍ୟମାନେ ଏହି ଆକ୍ରମଣରେ ନିହତ ହୋଇଥିଲେ ।

**V/O**

ଭାରତୀୟ ସେନାର ଦୃଢ଼ ପଦକ୍ଷେପ ପାକିସ୍ତାନକୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରିଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି । ଆତଙ୍କବାଦ ଏବଂ ଆଲୋଚନା ଏକାଠି ସମ୍ଭବ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ସ୍ପଷ୍ଟୋକ୍ତି ଉପରେ ପ୍ରତିରକ୍ଷା ମନ୍ତ୍ରୀ ଆଲୋକପାତ କରିଥିଲେ ।

ଆଲୋଚନାରେ ଅଂଶଗ୍ରହଣ କରି ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, କାଶ୍ମୀର ଉପତ୍ୟକାରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ସୃଷ୍ଟି କରିବା ପହଲଗାମ ଆକ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଆକ୍ରମଣ ପରେ ଭାରତ ସିନ୍ଧୁ ନଦୀ ଜଳ ବଣ୍ଟନ ଚୁକ୍ତିକୁ ରଦ୍ଦ କରିଥିଲା । ଏହି ଘଟଣାକୁ ମିଳିତ ଜାତିସଂଘର ନିରାପତ୍ତା ପରିଷଦ ନିନ୍ଦା କରିଥିବା ବେଳେ ୧୯୩ଟି ଦେଶ ଅପରେସନ୍ ସିନ୍ଦୂରକୁ ସମର୍ଥନ କରିଥିଲେ ।  ସାରା ଦୁନିଆକୁ ପାକିସ୍ତାନର ଅସଲ ଚେହେରା ଦେଖାଇଛୁ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

ଏହି ଆଲୋଚନା ଆଜି ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିବା ନେଇ ସମୟସୀମା ଧାର୍ଯ୍ୟ ହୋଇଛି ।

ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଆଜି ଉଭୟ ସଦନକୁ ପ୍ରଥମେ ମଧ୍ୟାହ୍ନ ୧୨ଟା ଏବଂ ପରେ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା ।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସୁବାସ ଚନ୍ଦ୍ର ଶତପଥୀ ।

## ଏଲ୍‌ଏସ୍‌-ପିଏମ୍ ପୋଷଣ

ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ଦେଶର ପ୍ରାୟ ୧୧ କୋଟି ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଛି । ଲୋକସଭାରେ ଆଜି ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି, ଏହି ଯୋଜନା କେନ୍ଦ୍ର ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହଭାଗିତାରେ କାର୍ଯ୍ୟକାରି କରାଯାଉଛି । ବାଲବାଟିକା ଏବଂ ସରକାରୀ ବିଦ୍ୟାଳୟ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି ।  ସମଗ୍ର ଦେଶର ୧୦ ଲକ୍ଷ ୩୫ ହଜାରରୁ ଅଧିକ ବିଦ୍ୟାଳୟର ୧୧ କୋଟି ପିଲାଙ୍କୁ ଏହି ଯୋଜନା ଅଧୀନରେ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଚୌଧୁରୀ କହିଛନ୍ତି । ଖାଦ୍ୟ ସାମଗ୍ରୀର ମୂଲ୍ୟ, ପରିବହନ ଖର୍ଚ୍ଚ, ପରିଚାଳନାଗତ ଖର୍ଚ୍ଚ ଆଦି କ୍ଷେତ୍ରରେ କେନ୍ଦ୍ର ସରକାର ଶତପ୍ରତିଶତ ସହାୟତା ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଚୌଧୁରୀ କହିଛନ୍ତି । ଗତ ଆର୍ଥିକ ବର୍ଷରେ ଭାରତୀୟ ଖାଦ୍ୟ ନିଗମ ମାଧ୍ୟମରେ କେନ୍ଦ୍ର ସରକାର ପ୍ରାୟ ୯ ହଜାର କୋଟି ଟଙ୍କା ମୂଲ୍ୟର ୨୬

ଲକ୍ଷ ଟନ୍ ଖାଦ୍ୟଶସ୍ୟ ଏହି ଯୋଜନା ଅଧୀନରେ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଚୌଧୁରୀ ଗୃହରେ ସୂଚନା ଦେଇଛନ୍ତି ।

## ଏସ୍‌ସି-ଏସ୍‌ଆଇଆର୍ ବିହାର

ଆସନ୍ତା ପହିଲାରେ ବିହାର ସ୍ୱତନ୍ତ୍ର ସଂଶୋଧିତ ଚିଠା ଭୋଟର ତାଲିକା ପ୍ରକାଶନ ଉପରେ ରହିତାଦେଶ ଜାରି କରିବାକୁ ସୁପ୍ରିମ୍‌କୋର୍ଟ୍ ଅଗ୍ରାହ୍ୟ କରିଛନ୍ତି । ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚିଙ୍କ ଖଣ୍ଡପୀଠରେ ଏହି ମାମଲାର ବିସ୍ତୃତ ଶୁଣାଣି ହୋଇପାରି ନାହିଁ । ମୁଖ୍ୟ ବିଚାରପତିଙ୍କ ସହ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଏକ ପ୍ରଶାସନିକ ବୈଠକ ଥିବାରୁ ଏହି ମାମଲାର ଆଜି ବିସ୍ତୃତ ଶୁଣାଣି ସମ୍ଭବ ହୋଇପାରି ନାହିଁ । ତେବେ ଏହାର ଯଥାଶୀଘ୍ର ଶୁଣାଣି କରାଯିବ ଏବଂ ଆସନ୍ତାକାଲି ସୁଦ୍ଧା ଏଥିପାଇଁ ଦିନ ଧାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି । ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ପକ୍ଷରୁ ଆଗତ ଏହି ମାମଲାରେ ଚିଠା ତାଲିକା ପ୍ରକାଶନ ବନ୍ଦ କରିବାକୁ କୋର୍ଟ୍‌ଙ୍କୁ ପ୍ରାର୍ଥନା କରାଯାଇଥିଲା । ଏହି ଚିଠା ତାଲିକା ପ୍ରସ୍ତୁତ ହେଲେ ସାଢ଼େ ୪ କୋଟି ଭୋଟର ଅସୁବିଧାରେ ପଡ଼ିପାରନ୍ତି ।

ଆଧାରକାର୍ଡ଼, ନିର୍ବାଚନ ଫଟୋ ପରିଚୟପତ୍ର ଏବଂ ରାସନ୍‌କାର୍ଡ଼ ଭିତ୍ତିରେ ତାଲିକା ସଂଶୋଧନ ନେଇ ସୁପ୍ରିମ୍‌କୋର୍ଟ୍ ଗତ ୧୦ ତାରିଖରେ

ଦେଇଥିବା ନିର୍ଦ୍ଦେଶକୁ ନିର୍ବାଚନ କମିଶନ୍ ପାଳନ କରି ନାହାନ୍ତି ବୋଲି ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଛି ।

## ଜିତେନ୍ଦ୍ର ସିଂହ-ଆର୍ଥ୍

ଭୂ-ବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ଭୂ-ବିଜ୍ଞାନ ମନ୍ତ୍ରଣାଳୟ ଅଧିନସ୍ଥ ବିଭିନ୍ନ ପ୍ରତିଷ୍ଠାନ ଦ୍ୱାରା ବିକଶିତ ୧୪ଟି ପ୍ରମୁଖ ଉତ୍ପାଦ ଏବଂ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି । ଭୂ-ବିଜ୍ଞାନ ମନ୍ତ୍ରଣାଳୟର ୧୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଡକ୍ଟର ସିଂହ, ବିଜ୍ଞାନ ଆଧାରିତ ନାଗରିକ ସେବା ପ୍ରଦାନ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଆହ୍ୱାନ ଦେଇଛନ୍ତି । ବିଜ୍ଞାନ ଏବଂ ନବସୃଜନ ପରିବେଶଗତ ସ୍ଥାୟିତ୍ୱ ଏବଂ ଭାରତର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଗତ ଦଶନ୍ଧିରେ ଏ କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ଗୁଡ଼ିକ ଉପରେ ଆଲୋକପାତ କରି ମନ୍ତ୍ରୀ ଡକ୍ଟର ସିଂହ କହିଛନ୍ତି, ଦେଶର ସାଧାରଣ ନାଗରିକ ମୋବାଇଲ୍ ମାଧ୍ୟମରେ ପାଣିପାଗ ସତର୍କ ସୂଚନା, ଘୂର୍ଣ୍ଣିବାତ୍ୟା ଚେତାବନୀ, ବାୟୁ ଗୁଣବତ୍ତା ଆଦି ସମ୍ପର୍କରେ ସୂଚନା ପାଇପାରୁଛନ୍ତି ।

ଦେଶର ୭ ଲକ୍ଷରୁ ଅଧିକ ଚାଷୀ ମେଘଦୂତ ଆପ୍‌ରେ ପଞ୍ଜିକୃତ ହୋଇଛନ୍ତି । କୃଷି ଏବଂ ମତ୍ସ୍ୟଚାଷ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ସହଯୋଗ ପ୍ରଦାନ ଲକ୍ଷ୍ୟ ନେଇ ଭୂ-ବିଜ୍ଞାନ ମନ୍ତ୍ରଣାଳୟ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ମନ୍ତ୍ରୀ ଡକ୍ଟର ସିଂହ ଆଲୋକପାତ କରିଛନ୍ତି ।

## କାମ୍ବୋଡ଼ିଆ-ଥାଇଲାଣ୍ଡ ଟକ୍କର

କାମ୍ବୋଡ଼ିଆ ଏବଂ ଥାଇଲାଣ୍ଡ ମଧ୍ୟରେ ମାଲେସିଆ ଠାରେ ଶାନ୍ତି ଆଲୋଚନା ଅନୁଷ୍ଠିତ ହେଉଛି । ଉଭୟ ଦେଶ ମଧ୍ୟରେ ସଂଘର୍ଷକୁ ଶେଷ କରିବା ଲକ୍ଷ୍ୟ ନେଇ ମାଲେସିଆର ପ୍ରଧାନମନ୍ତ୍ରୀ ଅନୱାର୍ ଇବ୍ରାହିମ୍‌ଙ୍କ ସରକାରୀ ବାସଭବନରେ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ଇବ୍ରାହିମ୍ ଏସିଆନ୍‌ର ଆଞ୍ଚଳିକ ଅଧ୍ୟକ୍ଷ ଭାବରେ ଏହି ବୈଠକର ଆୟୋଜନ କରିଛନ୍ତି । ଥାଇଲାଣ୍ଡ ଏବଂ କାମ୍ବୋଡ଼ିଆ ମଧ୍ୟରେ ୮୧୭ କିଲୋମିଟର ସୀମା ବିବାଦ ନେଇ ସଂଘର୍ଷ ଆରମ୍ଭ ହୋଇଥିଲା । ସ୍କଟ୍‌ଲାଣ୍ଡ ଠାରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଗତ ରାତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଥିଲେ, ସଂଘର୍ଷ ବନ୍ଦ କରିବା ନେଇ ଉଭୟ ଦେଶକୁ ଚେତାବନୀ ଦିଆଯାଇଛି । ଯଦି ସଂଘର୍ଷ ଜାରି ରହେ ତେବେ

ୱାଶିଂଟନ୍ ସହିତ ଭବିଷ୍ୟତର ବାଣିଜ୍ୟ ଚୁକ୍ତିନାମାକୁ ସ୍ଥଗିତ ରଖାଯିବ ବୋଲି ଶ୍ରୀ ଟ୍ରମ୍ପ୍ କହିଥିଲେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ । ଆଜିର ବିଷୟବସ୍ତୁ ରହିଛି **ହେପାଟାଇଟିସ୍ ରୋଗର ନିରାକରଣ ଓ ଚିକିତ୍ସା ।** ଆଇ.ଏଲ୍.ବି.ଏସ୍. ହସ୍ପିଟାଲ୍‌ର ହେପାଟୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର୍ ଡାକ୍ତର ବିଶାଲ ଅରୋରା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଏଲ୍ଏସ୍-ଏଲିଫ୍ୟାଣ୍ଟ୍ ଡେଥ୍

ଗତ ପାଞ୍ଚ ବର୍ଷ ମଧ୍ୟରେ ଦେଶରେ ମୋଟ୍ ୮୧୯ଟି ହାତୀଙ୍କର ମୃତ୍ୟୁ ହୋଇଛି ବୋଲି ପରିବେଶ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି । ଲୋକସଭାରେ ଆଜି ଏକ ଲିଖିତ ଉତ୍ତରରେ ସେ କହିଛନ୍ତି, ହାତୀ ମୃତ୍ୟୁକୁ ରୋକିବା ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଓ ରେଳ ମନ୍ତ୍ରଣାଳୟର ସମନ୍ୱୟରେ ଆନ୍ତଃ ମନ୍ତ୍ରଣାଳୟ ବୈଠକ ଅନୁଷ୍ଠିତ ହୋଇଛି । ହାତୀ ମୃତ୍ୟୁକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ କେତେକ ପାଇଲଟ ପ୍ରକଳ୍ପ ମଧ୍ୟ ଦେଶର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକ୍ଷମ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

# ଚେସ୍

ଭାରତର ଦିବ୍ୟା ଦେଶମୁଖ ଫିଡେ ମହିଳା ବିଶ୍ୱକପ୍ ଚେସ୍ ଚାମ୍ପିୟାନ୍ସିପ୍ ଟାଇଟେଲ୍ ହାସଲ କରିଛନ୍ତି । ଜର୍ଜିଆର ବାଟୁମି ଠାରେ ଅନୁଷ୍ଠିତ ତିନି ପର୍ଯ୍ୟାୟ ବିଶିଷ୍ଟ ଫାଇନାଲ୍ ମ୍ୟାଚ୍‌ରେ ଟାଇବ୍ରେକର ମାଧ୍ୟମରେ ଦିବ୍ୟା ଦେଶମୁଖ ଭାରତର କୋନେରୁ ହମ୍ପିଙ୍କୁ ପରାସ୍ତ କରିଛନ୍ତି । ପ୍ରଥମ ଦୁଇଟି ଫାଇନାଲ୍ ମ୍ୟାଚ୍ ଅମିମାଂଶିତ ଭାବେ ଶେଷ ରହିବା ସହ ପ୍ରଥମ ଟାଇବ୍ରେକ୍ ପ୍ରତିଯୋଗିତା ମଧ୍ୟ ଡ୍ର’ ରହିଥିଲା । ଟାଇବ୍ରେକରର ଦ୍ୱିତୀୟ ରାପିଡ୍ ଖେଳରେ ଦିବ୍ୟା ଦେଶମୁଖ ବିଜୟୀ

ହୋଇଥିଲେ । ଏହି ସଫଳତା ସହିତ ଦିବ୍ୟା ଭାରତର ଚତୁର୍ଥ ମହିଳା ଗ୍ରାଣ୍ଡମାଷ୍ଟର ମାନ୍ୟତା ପାଇଛନ୍ତି । ପୂର୍ବରୁ କୋନେରୁ ହମ୍ପି, ଦ୍ରୋଣାବଲ୍ଲି ହାରିକା ଏବଂ ଆର୍. ବୈଶାଳୀ ମହିଳା ଗ୍ରାଣ୍ଡମାଷ୍ଟର ମାନ୍ୟତା ପାଇଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ବିଶ୍ୱକପ୍ ପ୍ରତିଯୋଗିତାରେ ଚାମ୍ପିୟାନ୍ ଏବଂ ରନର୍ସ୍ ହୋଇଥିବାରୁ ଦିବ୍ୟା ଦେଶମୁଖ ଓ କୋନେରୁ ହମ୍ପିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ମାତ୍ର ୧୯ ବର୍ଷ ବୟସରେ ଏହି ଟାଇଟଲ ହାସଲ କରି ଦିବ୍ୟା ଦେଶର ପ୍ରଥମ ମହିଳା ଖେଳାଳି ହୋଇଛନ୍ତି । ପ୍ରତିଯୋଗିତାରେ କୋନେରି ହମ୍ପି ତାଙ୍କର ଉତ୍କୃଷ୍ଟ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଭୟ ଖେଳାଳିଙ୍କୁ ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।